# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18th March – 2025**

**News Editor : Tapan Kumar Moharana**

***********************************

## <u>ମୁଖ୍ୟ ସମ୍ବାଦ</u>

- ବିଧାନସଭାର ବଜେଟ୍ ଅଧିବେଶନର ସପ୍ତମ ଦିନରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୮୧୨ ଜଣ ନବ ନିଯୁକ୍ତଙ୍କୁ ପ୍ରଦାନ କଲେ ନିଯୁକ୍ତିପତ୍ର
- ଚୈତ୍ର କୃଷ୍ଣ ପଂଚମୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ହେବ ବନକଲାଗି ନୀତି
- ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ୪ ମହାକାଶଚାରୀଙ୍କ ଧରାପୃଷ୍ଠକୁ ପ୍ରତ୍ୟାବର୍ତ୍ତନ

ଏବଂ

- ସ୍ଥାୟୀ କଲ୍ୟାଣ ପାଇଁ ଅନ୍ତର-ପିଢ଼ିଗତ ଏକଜୁଟତାକୁ ମଜବୁତ୍ କରିବା' ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ସାମାଜିକ କାର୍ଯ୍ୟ ଦିବସ

## ବିଧାନସଭା

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ସପ୍ତମ ଦିନରେ ଆଜି ଅପରାହ୍ନରେ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୩ ହଜାର ୬୫୫ କୋଟି ୮୨ ଲକ୍ଷ ୮୧ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହରେ ଆଗତ କରିଥିଲେ।

ପୂର୍ବାହ୍ନରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା। ବୃହତ୍ ପାନୀୟ ଜଳ ପ୍ରକଳ୍ପ ବିଷୟରେ ଗୃହରେ ପ୍ରାୟ ୪୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ବିଧାୟକମାନେ ଆଲୋଚନାରେ ଭାଗନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ପ୍ରଶ୍ନୋତ୍ତର କାଳରେ ନାରୀ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଠିଆହୋଇ  ହାତରେ ପୋଷ୍ଟର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ବିଜେଡି ବିଧାୟକମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ବିଧାନସଭା-ପ୍ରଦୂଷଣ

ରାଜ୍ୟର ପାରାଦୀପ ସହର ସବୁଠାରୁ ଅଧିକ ପ୍ରଦୂଷିତ ଶିଳ୍ପାଞ୍ଚଳ ଏବଂ ଭୁବନେଶ୍ୱର ସହର ଅଣପ୍ରଦୂଷିତ ଶିଳ୍ପାଞ୍ଚଳ ଭାବେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ-ସିପିସିବି ତଥ୍ୟ ଆଧାରରେ  ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଅନୁଗୁଳ-ତାଳଚେର ଶିଳ୍ପାଞ୍ଚଳ ଅନ୍ୟାନ୍ୟ ପ୍ରଦୂଷିତ ଅଂଚଳ ଭାବେ ତାଲିକାଭୁକ୍ତ

ହୋଇଛି। ରାଜ୍ୟର ସମସ୍ତ ପ୍ରଦୂଷିତ ଶିଳ୍ପାଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଶିଳ୍ପସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ କହିଛନ୍ତି।

## ବିଧାନସଭା-ଶିକ୍ଷାନୀତି

ରାଜ୍ୟରେ ଆସନ୍ତା ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ସର୍ବନିମ୍ନ ବୟସ ୬ ବର୍ଷ କିମ୍ବା ତା'ଠାରୁ ଅଧିକ ଜରୁରୀ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଛାତ୍ରଛାତ୍ରୀଙ୍କ ସାମଗ୍ରୀକ, ଶୈକ୍ଷିକ ବିକାଶ ସୁନିଶ୍ଚିତ କରିବା ପାଇଁ ଶିକ୍ଷାବିତ୍ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାସହ ଛାତ୍ରଛାତ୍ରୀଙ୍କୁ ଅଧିକ ନମନୀୟତା ପ୍ରଦାନ ପାଇଁ ୬ ବର୍ଷ ବୟସ ପୂରଣ କରିବାର ଶେଷ ତାରିଖକୁ ଚଳିତ ମାସ ୩୧ ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି।

## ବିଧାନସଭା-ବାଘ

ରାଜ୍ୟରେ ଗତ ୩ ବର୍ଷରେ ୧୪ଟି ବାଘଙ୍କୁ ଶିକାର କରାଯାଇଛି। ଏଥିରେ ୨ଟି ମହାବଳ ଓ ୧୨ଟି କଲରାପତରିଆ ବାଘଙ୍କର ମୃତ୍ୟୁ ହୋଇଥିବା ନେଇ ବିଧାନସଭାରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଶ୍ରୀ ଖୁଣ୍ଟିଆ କହିଛନ୍ତି, ୨୦୨୪ ମସିହା ହାତୀଗଣନା ଅନୁଯାୟୀ, ରାଜ୍ୟର ୩୮ଟି ବନଖଣ୍ଡ ଅଂଚଳରେ ୨ ହଜାର ୧୦୩ଟି ହାତୀ ଥିଲେ। ଢେଙ୍କାନାଳ ବନଖଣ୍ଡରେ ୪୧ ହାତୀଙ୍କ ମୃତ୍ୟୁ ହୋଇଛି। ସେହିପରି ରାଜ୍ୟରେ ୬ଟି ମହାବଳ ବାଘ ଓ ୬୩ଟି କଲରାପତରିଆ ବାଘ ଛାଲ ଜବତ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ଶିଶୁ ଶ୍ରମିକ

ରାଜ୍ୟରେ ଗତ ୧୦ ବର୍ଷରେ ୬୩୦ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ କହିଛନ୍ତି। ସେଥିମଧ୍ୟରୁ ସୁନ୍ଦରଗଡ଼ ଜିଲ୍ଲାରୁ ୭୯, କଟକରୁ ୮୪, ଢେଙ୍କାନାଳରୁ ୭୨, ଝାରସୁଗୁଡ଼ାରୁ ୭୩ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଗତବର୍ଷ ୨୪ ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବିରୋଧରେ ବିଭିନ୍ନ ଅଦାଲତରେ ମକଦ୍ଦମା ଜାରି ରହିଥିବା ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ସୂଚନା ଦେଇଛନ୍ତି।

## ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୮୧୨ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ମେଳାରେ ବିଭିନ୍ନ ବିଭାଗ ପାଇଁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୪୪୨ଜଣ, ଇସ୍ପାତ ଓ ଖଣି ବିଭାଗରେ ୧୮୯, ଶକ୍ତି ବିଭାଗରେ ୪୮ଜଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୩୩ଜଣ ଏବଂ ଜଳସମ୍ପଦ ବିଭାଗ ନିମନ୍ତେ ୧୨ଜଣଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି।

## ବିଶ୍ୱ ସାମାଜିକ କାର୍ଯ୍ୟ ଦିବସ

ସାମାଜିକ କାର୍ଯ୍ୟ, ନ୍ୟାୟ, ମାନବାଧିକାର ଓ ସାମାଜିକ ବିକାଶ ପାଇଁ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ

ମାସ ତୃତୀୟ ମଙ୍ଗଳବାରକୁ ବିଶ୍ୱ ସାମାଜିକ କାର୍ଯ୍ୟ ଦିବସ ଭାବେ ପାଳନ କରାଯାଇଥାଏ। ସମାଜସେବା କ୍ଷେତ୍ରରେ ଜଡିତ ଲୋକମାନଙ୍କ ପାଇଁ ସେମାନଙ୍କର ଉପଲବ୍ଧିଗୁଡ଼ିକୁ ଲୋକଲୋଚନକୁ ଆଣିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ପ୍ରତ୍ୟେକବର୍ଷ ଏକ ପ୍ରସଙ୍ଗକୁ ନେଇ ଏହି ଦିବସ ପାଳନ କରାଯାଇଥାଏ। ଚଳିତବର୍ଷର ବିଶ୍ୱ ସାମାଜିକ କାର୍ଯ୍ୟ ଦିବସର ବାର୍ତ୍ତା ହେଉଛି- 'ସ୍ଥାୟୀ କଲ୍ୟାଣ ପାଇଁ ଅନ୍ତର-ପିଢ଼ିଗତ ଏକଜୁଟତାକୁ ମଜବୁତ୍ କରିବା'। ଯାହା, ସମାଜ ନିର୍ମାଣ, ପର୍ଯ୍ୟାବରଣକୁ ବଜାୟ ରଖିବା ଓ ଉତ୍ତମ ଭବିଷ୍ୟତ ପାଇଁ ଜ୍ଞାନର ଆଦାନ ପ୍ରଦାନ ନିମନ୍ତେ ପିଢ଼ିମାନଙ୍କ ମଧ୍ୟରେ ସମ୍ମାନର ମହତ୍ତ୍ୱ ଉପରେ ଜୋର୍ ଦିଆଯାଇଛି।

## ବନକଲାଗି ନୀତି

ଚୈତ୍ର କୃଷ୍ଣ ପଞ୍ଚମୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବା ପରେ ପ୍ରାୟ ଅପରାହ୍ଣ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯାଇଛି। ବନକଲାଗି ଗୁପ୍ତ ନୀତି ସମ୍ପାଦନ ସମୟରେ ଶ୍ରୀଜୀଉମାନଙ୍କର ସର୍ବସାଧାରଣ ଦର୍ଶନ ପ୍ରାୟ ୫ ଘଣ୍ଟା ପାଇଁ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରଥକାଠ

ପୁରୀ ରଥଯାତ୍ରା ପାଇଁ **ନୟାଗଡ଼** ଜିଲ୍ଲାରୁ ଦ୍ୱିତୀୟ ପର୍ଯ୍ୟାୟରେ ୫୮ ଖଣ୍ଡ ରଥକାଠ ସଂଗ୍ରହ କରାଯାଇଛି। ଦଶପଲ୍ଲା ବନାଞ୍ଚଳ ଅନ୍ତର୍ଗତ କେନ୍ଦ୍ରୀୟ ସଂରକ୍ଷିତ ଜଙ୍ଗଲରୁ ଏହିସବୁ କାଠ ସଂଗ୍ରହ କରାଯିବାପରେ ତିଳାବାଡିଠାରେ ଗ୍ରାମଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି କଟକ ଜିଲ୍ଲା ବିଭିନ୍ନ ବ୍ଲକ୍‌ର ୧୯୭ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣାସୀ ଯିବାପାଇଁ ଭୁବନେଶ୍ୱର ଯାତ୍ରା କରିଛନ୍ତି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ୍‌ଯୋଗେ ଯାତ୍ରା କରିଥିବାବେଳେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ୍‌ଯୋଗେ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ତୀର୍ଥଯାତ୍ରୀଙ୍କ ସହାୟତା ପାଇଁ ୬ ଜଣ ଅଧିକାରୀ ଯାତ୍ରା କରୁଥିବା ଜଣାପଡିଛି ।

## ଚିନ୍ତାମଣି ଜୟନ୍ତୀ

**ଭଦ୍ରକ** ଜିଲ୍ଲା ସଂସ୍କୃତି ଭବନଠାରେ ଓଡ଼ିଆ ସାହିତ୍ୟ ଏକାଡେମୀ ଓ ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ କବି ଚିନ୍ତାମଣି ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି କରୁଣାକର ବେହୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କବିଙ୍କ କାବ୍ୟ କବିତା, ଉପନ୍ୟାସ, ସାହିତ୍ୟ ଏବଂ ବିଭିନ୍ନ ରଚନାର ସ୍ମୃତିଚାରଣ କରିଥିଲେ ।

# ସୁନିତା ୱିଲିୟମ୍‌ଙ୍କ ପ୍ରତ୍ୟାବର୍ତ୍ତନ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୯ ମାସରୁ ଅଧିକ ସମୟ ଅଟକି ରହିଥିବା ଭାରତୀୟ-ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍‌ସ, ବୁଚ୍ ୱିଲୋର୍‌ଙ୍କ ସହିତ ଅନ୍ୟ ଦୁଇଜଣ ମହାକାଶଚାରୀ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରୁଥିବା ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା-ନାସା ପକ୍ଷରୁ କୁହାଯାଇଛି । ଏହି ମହାକାଶଚାରୀମାନେ ଅନ୍ତର୍ଜାତୀୟ

ମହାକାଶ କେନ୍ଦ୍ରରୁ ବାହାରି ପୃଥିବୀକୁ ଭାରତୀୟ ସମୟ ଅନୁସାରେ ପୂର୍ବାହ୍ନ ୧୦ଟା ୩୫ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଛନ୍ତି। ଭାରତୀୟ ସମୟ ଅନୁସାରେ ୧୭ ଘଣ୍ଟା ଯାତ୍ରା କରି ଆସନ୍ତାକାଲି ଭୋର୍ ୩ଟା ୨୭ ମିନିଟ୍‌ରେ ଆମେରିକାର ଫ୍ଲୋରିଡା ସମୁଦ୍ର ଉପକୂଳରେ ଅବତରଣ କରିବେ ବୋଲି ନାସା ପକ୍ଷରୁ କୁହାଯାଇଛି । ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଟେଲିଭିଜନ, ନାସାର ଅଫିସିଆଲ୍ ୱେବ୍‌ସାଇଟ୍, ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ କରାଯାଉଛି।

## କଳାହାଣ୍ଡି କପ

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ୨୦୨୫ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗ୍ରୁପ୍-ଏ, ଗ୍ରୁପ୍-ବି ଏବଂ ଗ୍ରୁପ୍-ସିର ମ୍ୟାଚ୍ ରହିଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ କଟକ ଏବଂ ଭୁବନେଶ୍ୱରର ୯ଟି ଗ୍ରାଉଣ୍ଡରେ ମ୍ୟାଚ୍ ଖେଳାଯାଉଛି। ରେଭେନ୍‌ସା ଗ୍ରାଉଣ୍ଡ-୧ରେ ପୂର୍ବତଟ ରେଳବାଇ ଓ କୋରାପୁଟ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା।

## ତାପମାତ୍ରା

ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ଗତ ଏକସପ୍ତାହ ଧରି ବୃଦ୍ଧି ପାଉଛି । ଲଗାତାର ଭାବେ ଆଜି ମଧ୍ୟ ଚତୁର୍ଥ ଦିନରେ ବୌଦ୍ଧ ଉତ୍ତପ୍ତ ସହର ଥିଲା । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜି ତାପମାତ୍ରା ୪୩ ଦଶମିକ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।